بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୧୨ ଜୁଲାଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ବନୁ ମୁସ୍ତଲିକ୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା ଏବଂ ମୁହରମ୍ ସଂକ୍ରାନ୍ତରେ ଦୁଆ କରିବା ପାଇଁ ପ୍ରିୟ ହୁଜୁର ଅନଓ୍ୱର ଅ.ବଙ୍କର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଆଜି ମୁଁ ବନୁ ମୁସ୍ତଲିକ୍ ଯୁଦ୍ଧ ଅଥବା ମୁରେସିଆ ଯୁଦ୍ଧର ଚର୍ଚ୍ଚା କରିବି । ଏହି ଯୁଦ୍ଧ କେବେ ହୋଇଥିଲା ? ଏଥିସଂକ୍ରାନ୍ତରେ ଜୀବନୀ ଲେଖାଳୀମାନଙ୍କ ମଧ୍ୟରେ ମତଭେଦ ରହିଛି । କେତେକଙ୍କ ମତରେ ଏହା ୬ହିଜ୍‌ରୀରେ ଘଟିଥିଲା, ଆଉ କେତେକଙ୍କ ମତରେ ଏହା ୫ହିଜ୍‌ରୀ ଅଥବା ୪ହିଜ୍‌ରୀରେ ଘଟିଥିବା ବର୍ଣ୍ଣିତ ରହିଛି । କିନ୍ତୁ ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅଙ୍କର ଅନୁସନ୍ଧାନ ଅନୁଯାୟୀ ଏହି ଯୁଦ୍ଧ ଶାବାନ୍ ମାସ ୫ହିଜ୍‌ରୀରେ ଘଟିଥିଲା । ଏହି ଯୁଦ୍ଧ ବନୁ ଖଜାଆର ଗୋଟିଏ ଶାଖା ବନୁ ମୁସ୍ତଲିକ୍ ସହିତ ହୋଇଥିଲା । ଏଥିସକାଶେ ଏହାକୁ ବନୁ ମୁସ୍ତଲିକ୍ ଯୁଦ୍ଧ (ନାମରେ) ଅଭିହିତ କରାଯାଏ । ଏହା କବିଲା (ଗୋଷ୍ଠୀ) ମୁରେସିଆ ନାମକ ଏକ କୂପ ନିକଟରେ ବସବାସ କରୁଥିଲା । ତେଣୁକରି ଏହି ଯୁଦ୍ଧର ଦ୍ୱିତୀୟ ନାମ ମୁରେସିଆ ଯୁଦ୍ଧ ମଧ୍ୟ ଅଟେ ।

ବନୁ ମୁସ୍ତଲିକ୍ କୁରୈଶର ମିତ୍ର ଥିଲେ ଏବଂ ସେମାନେ ଏହି ପ୍ରତିଜ୍ଞା କରିଥିଲେ ଯେ, ଆମେମାନେ ଗୋଟିଏ ପ୍ରାଣ ପରି କୁରୈଶ ସହିତ ମିଳିତ ରହିବା । ଏହି ପ୍ରତିଶୃତି ଅନ୍ତର୍ଗତ ଓ୍ୱହଦ୍ ଯୁଦ୍ଧରେ ବନୁ ମୁସ୍ତଲିକ୍ ଦଳ କୁରୈଶ ସହିତ ସାମିଲ ଥିଲେ ।

ଏହି ଯୁଦ୍ଧର **ପ୍ରଥମ** କାରଣ ଏହା ଥିଲା ଯେ, ବନୁ ମୁସ୍ତଲିକ୍ ଇସଲାମ୍‌ର ଶତ୍ରୁତାରେ ବେପରୁଆ ହୋଇ ଯାଇଥିଲେ । ସେମାନଙ୍କୁ ଅମାନ୍ୟକାରୀ କୁରୈଶର ପୂର୍ଣ୍ଣ ସମର୍ଥନ ହାସଲ ଥିଲା । ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କ ବିରୁଦ୍ଧରେ ରଣଭୂମିରେ ଓହ୍ଲାଇବା ଯୋଗୁଁ ଏବେ ସେମାନେ ଖୋଲମଖୋଲା ମୁସଲମାନମାନଙ୍କର ମୁକାବିଲା କରିବାକୁ ଅଣ୍ଟା ଭିଡ଼ି ନେଇଥିଲେ ଏବଂ ସେମାନଙ୍କର ଦୁଷ୍ଟାମି ଅତିଶୟ ବଢ଼ିଯାଇଥିଲା । **ଦ୍ୱିତୀୟ** କାରଣ ଏହା ଥିଲା ଯେ, ପବିତ୍ର ମକ୍କା ସହରରୁ ଅତିକ୍ରମ କରୁଥିବା ମୂଖ୍ୟ ରାଜପଥ ଉପରେ ବନୁ ମୁସ୍ତଲିକ୍ ଗୋଷ୍ଠୀର କଣ୍ଟ୍ରୋଲ୍ (ଆଧିପତ୍ୟ) ରହିଥିଲା । ସେମାନେ ପବିତ୍ର ମକ୍କା ସହରରେ ମୁସଲମାନମାନଙ୍କ ଅନୁପ୍ରବେଶକୁ ରୋକିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । **ତୃତୀୟ** ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଥିଲା ଯେ, ବନୁ ମୁସ୍ତଲିକ୍‌ର ସରଦାର ହାରିସ୍ ବିନ୍ ଅବି ଜିରାର୍ ନିଜ ଗୋଷ୍ଠୀ ଓ ଆରବବାସୀଙ୍କୁ ହୁଜୁର ସ.ଅଙ୍କ ବିରୋଧରେ ପ୍ରବତାଇ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ କଲା ଏବଂ ସେ ମଦିନା ଠାରୁ ୯୬ମାଇଲ୍ ଦୂରତାରେ ଏକ ସ୍ଥାନରେ ସେନାବାହିନୀକୁ ଏକତ୍ରିତ କରିବା ଆରମ୍ଭ କଲା ।

ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ସ୍ୱରଚିତ ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ

ଏଥିସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି; କୁରୈଶର ବିରୁଦ୍ଧାଚରଣ ଦିନ ପ୍ରତିଦିନ ସଙ୍ଗିନ୍ ରୂପ ଧାରଣ କରି ଚାଲିଥିଲା । ସେମାନେ ନିଜ ଦୁଷ୍କାମିରେ ଆରବର ଅନେକ ଗୋଷ୍ଠୀ ସମୂହକୁ ଇସଲାମ ଓ ଇସଲାମର ସଂସ୍ଥାପକ ବିରୁଦ୍ଧରେ ଛିଡ଼ା କରିଦେଇଥିଲେ । **କିନ୍ତୁ ଏବେ ସେମାନଙ୍କ ଶତ୍ରୁତା ଏକ ନୂତନ ସମସ୍ୟା ସୃଷ୍ଟି କରି ଦେଇଥିଲା ।** ହିଜାଜ୍‌ର ସେହି ଗୋଷ୍ଠୀ ଯେ ମୁସଲମାନମାନଙ୍କ ସହିତ ସୁସମ୍ପର୍କ ରଖୁଥିଲେ ସେମାନେ ମଧ୍ୟ କୁରୈଶର ବିଶୃଙ୍ଖଳା, ଉତ୍ତେଜନା ଓ ପ୍ରତାରଣାରେ ଭ୍ରମିତ ହୋଇ ମୁସଲମାନମାନଙ୍କ ବିରୁଦ୍ଧରେ ମୁଣ୍ଡ ଟେକିବା ଆରମ୍ଭ କରିଦେଲେ । ସେମାନଙ୍କ ମୁଖିଆ ହାରିସ୍ ବିନ୍ ଅବି ଜିରାର୍ ଉକ୍ତ ଅଞ୍ଚଳର ଅନ୍ୟ ଗୋଷ୍ଠୀଗୁଡ଼ିକୁ ମଧ୍ୟ ନିଜ ସହିତ ସାମିଲ କରିନେଲା ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କୁ ଯେତେବେଳେ ଏହି ଗୁପ୍ତ ଷଡ଼ଯନ୍ତ୍ରର ସୂଚନା ମିଳିଲା ସେତେବେଳେ ଆପଣ ସୁରକ୍ଷା ଦୃଷ୍ଟିକୁ ବଜାୟ ରଖିବା ସକାଶେ ଜଣେ ସାହାବି ବୁରିଦାଃ ବିନ୍ ଅଲ୍ ହୁସେବ୍ ର.ଅଙ୍କୁ ଏହାର ସତ୍ୟାସତ୍ୟ ସମ୍ବନ୍ଧରେ ସୂଚନା ଆଣିବା ପାଇଁ ବନୁ ମୁସ୍ତଲିକ୍ ଗୋଷ୍ଠୀ ଅଭିମୁଖେ ପ୍ରେରଣ କଲେ । ସେ ସେଠାରୁ ଫେରି ଖବର ଦେଲେ, ମଦିନା ଉପରେ ଆକ୍ରମଣ କରିବା ପାଇଁ (ଅମାନ୍ୟକାରୀମାନେ) ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ଅତଏବ ହୁଜୁର ସ.ଅ ମୁସଲମାନମାନଙ୍କୁ ଡ଼କାଇ ଶତ୍ରୁର ଯୁଦ୍ଧ ପ୍ରସ୍ତୁତି ସଂକ୍ରାନ୍ତରେ ସେମାନଙ୍କୁ ଅବଗତ କଲେ । ବସ୍ତୁତଃ ଇସଲାମୀୟ ସେନା ଶୀଘ୍ରାତି ଶୀଘ୍ର ଯୁଦ୍ଧ ପ୍ରସ୍ତୁତି ସମାପ୍ତ କରି ବାହାରିଗଲା ।

ରଣକ୍ଷେତ୍ର ଅଭିମୁଖେ ହଜରତ ମୁହମ୍ମଦ ସ.ଅଙ୍କର ପ୍ରସ୍ଥାନ କରିବାର ବିସ୍ତୃତ ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି । ଗୋଟିଏ ବର୍ଣ୍ଣନାନୁଯାୟୀ ହୁଜୁର ସ.ଅ ହଜରତ ଜୈଦ୍ ବିନ୍ ହାରିସ୍ ର.ଅଙ୍କୁ ମଦିନାର ନିଜର ପ୍ରତିନିଧି ମୁତୟନ କରିଥିଲେ । କିନ୍ତୁ ଇବ୍‌ନେ ହିଶାମ୍ କୁହନ୍ତି; ହୁଜୁର ସ.ଅ ନିଜ ପଛରେ ହଜରତ ଅବୁଜର୍ ଗଫାରୀ ର.ଅଙ୍କୁ ମଦିନାର ଅମିର୍ ମୁତୟନ କରିଥିଲେ । ଏପରି ଆଉ ଜଣେ ସାହାବି ହଜରତ ନୁମେଲା ବିନ୍ ଅବଦୁଲ୍ଲାଃ ର.ଅଙ୍କର ନାମ ମଧ୍ୟ ବର୍ଣ୍ଣନା କରାଯାଏ ଯେ, ଆଙ୍କୁ ହୁଜୁର ସ.ଅ ଅମିରତ୍ୱର ଦାୟିତ୍ୱ ପ୍ରଦାନ କରିଥିଲେ । ତେବେ ସେ ଯାହା ହେଉ ଇସଲାମୀୟ ସେନା ବାହିନୀରେ ମୋଟ ୭୦୦ସୈନିକ ସାମିଲ ଥିଲେ । ହୁଜୁର ସ.ଅ ୫ହିଜ୍‌ରୀ ଶାବାନ୍ ମାସର ୨ତାରିଖ ଅର୍ଥାତ ସୋମବାର ଦିନ ପବିତ୍ର ମଦିନା ସହରରୁ ବନୁ ମୁସ୍ତଲିକ୍ ଗୋଷ୍ଠୀ ଅଭିମୁଖେ ପ୍ରସ୍ଥାନ କରିଥିଲେ । ଏହି ଅଭିଯାନରେ ହଜରତ ମସଉଦ୍ ବିନ୍ ହୁନେଦାଃ ର.ଅ ମୁସଲମାନ ସେନାର ମାର୍ଗଦର୍ଶକ ଥିଲେ । ଏହାର ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହୁଜୁର ସ.ଅଙ୍କ ସହିତ ଅନେକ କପଟବିଶ୍ୱାସୀ ମଧ୍ୟ ସାମିଲ ହୋଇ ଯାତ୍ରା କରୁଥିଲେ ସେମାନେ ଏହା ପୂର୍ବରୁ ଏପରି କୌଣସି ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ସାମିଲ ହୋଇ ନଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଜିହାଦ୍ କରିବା ନଥିଲା ବରଂ ସେମାନେ ମାଲେ ଗନିମତ୍ (ଯୁଦ୍ଧ ବିଜୟ ଧନରତ୍ନରୁ) ଭାଗ ନେବା ସକାଶେ ମୁସଲମାନମାନଙ୍କ ସହିତ ଚାଲି ଆସିଥିଲେ । ଏହି ଲାଳସାରେ ଯେ, ଯଦି ବିଜୟ ଲାଭ ହେଲା ତେବେ ଆମକୁ ମଧ୍ୟ ଧନରତ୍ନ ହାସଲ ହେବ ।

ଇସଲାମୀୟ ସେନାରେ ମାତ୍ର ତିନୋଟି ଘୋଡ଼ା ରହିଥିଲେ । କିନ୍ତୁ ଓଟ ସଂଖ୍ୟା କିଞ୍ଚିତ ଅଧିକ ରହିଥିଲା ଏବଂ **ସେହି ଘୋଡ଼ା ଓ ଓଟରେ ସମସ୍ତ ମୁସଲମାନ ସେନା ପାଳିବାଣ୍ଟି ଆରୋହଣ କରୁଥିଲେ ।** ମାର୍ଗରେ ହିଁ ମୁସଲମାନମାନେ ଅମାନ୍ୟକାରୀଙ୍କର ଏକ ଗୁପ୍ତଚରକୁ ଧରି ନେଲେ ଏବଂ ସେମାନେ ତାହାକୁ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ କଲେ । ହୁଜୁର ସ.ଅ ତାହାକୁ ଅମାନ୍ୟକାରୀଙ୍କ ଗତିବିଧି ସଂକ୍ରାନ୍ତରେ କିଛି ପଚରା ଉଚରା କରିବାକୁ ଚେଷ୍ଟା କଲେ କିନ୍ତୁ ସେ କିଛି କହିବାକୁ ସଫା ମନା କରିଦେଲା ଏବଂ ଯେହେତୁ ତାହାର ଆଚରଣ ସନ୍ଦେହ ଜନକ ଥିଲା ତେଣୁ ସେତେବେଳର ଯୁଦ୍ଧ ନିୟମାନୁଯାୟୀ ହଜରତ ଉମର ର.ଅ ତାହାକୁ ହତ୍ୟା କରିଦେଲେ । ସେଥିଅନ୍ତେ ଇସଲାମୀୟ ସେନା ଆଗକୁ ଅଗ୍ରସର ହେଲା ।

ବନୁ ମୁସ୍ତଲିକ୍‌କୁ ଯେତେବେଳେ ଇସଲାମୀୟ ସେନାର ଆଗମନ ଓ ନିଜ ଗୁପ୍ତଚର ନିହତ ହେବା ସଂକ୍ରାନ୍ତରେ ସୂଚନା ମିଳିଲା ସେତେବେଳେ ସେମାନେ ଭୀଷଣ ରୂପେ ଭୟଭୀତ ହୋଇ ପଡ଼ିଲେ । କାରଣ ସେମାନଙ୍କର ଅସଲ ଉଦ୍ଦେଶ୍ୟ ଓ ଯୋଜନା ମଦିନା ଉପରେ ହଠାତ୍ ଆକ୍ରମଣ କରିବାର ଥିଲା । କିନ୍ତୁ ନବୀଶିରୋମଣୀ ହଜରତ ମୁହମ୍ମଦ ସ.ଅଙ୍କର ଜାଗ୍ରତ ମସ୍ତିସ୍କ ଯୋଗୁଁ ସେମାନେ କିଛି ଲଭି ନେବା ପରିବର୍ତ୍ତେ ହରେଇବାର କଷାଘାତରେ ପ୍ରପୀଡ଼ିତ (ସମ୍ମୁଖୀନ) ହେଲେ । ମୁସଲମାନମାନଙ୍କ ଆଗମନ ଫଳରେ ସେମାନେ ଭୀଷଣ ଭାବରେ ପ୍ରଭାବିତ ହେଲେ ଏବଂ ସେମାନଙ୍କ ସାହାଯ୍ୟ ନିମନ୍ତେ ଏକତ୍ରିତ ହୋଇଥିବା ଅନ୍ୟ କବିଲାଗୁଡ଼ିକ ଈଶ୍ୱରଙ୍କ କୃପାରୁ ଏପରି ଭୟଭୀତ ହେଲେ କି ତତ୍‌କ୍ଷଣାତ ସେମାନଙ୍କ ଠାରୁ ପୃଥକ ହୋଇ ନିଜ ନିଜ ଘରକୁ ପଳାୟନ କଲେ । କିନ୍ତୁ ବନୁ ମୁସ୍ତଲିକ୍‌କୁ କୁରୈଶର ଅମାନ୍ୟକାରୀମାନେ ଶତ୍ରୁତାର କିଛି ଏପରି ପାନୀୟ ପିଆଇ ଦେଇଥିଲେ ଯେ, **ସେମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବାର ନିଶ୍ଚୟ କରି ନେଇଥିଲେ ଏବଂ ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ମୁସଲମାନମାନଙ୍କ ଖିଲାଫ୍‌ରେ ଛିଡ଼ା ହୋଇଗଲେ ।**

ହଜରତ ମୁହମ୍ମଦସ.ଅ ମୁରେସିଆ ଠାରେ ପହଞ୍ଚିବା ପରେ ଆପଣ ସ.ଅଙ୍କ ପାଇଁ ଚମତ୍କାର ଶିବିର ଲଗାଇ ଦିଆଗଲା । ସେତେବେଳେ ହୁଜୁର ସ.ଅଙ୍କ ସହିତ ହଜରତ ଆଏଶାର.ଅ ଥିଲେ । ହୁଜୁରସ.ଅ ସାହାବାମାନଙ୍କୁ ସଫ୍ (ଧାଡ଼ି) ବାନ୍ଧିବାକୁ ଆଦେଶ ଦେଲେ ଏବଂ ପ୍ରବାସକାରୀଙ୍କ ଧ୍ୱଜା ହଜରତ ଅବୁବକର୍ ର.ଅଙ୍କୁ ପ୍ରଦାନ କଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହୁଜୁରସ.ଅ ଉକ୍ତ ଧ୍ୱଜା ହଜରତ ଅମାର୍ ବିନ୍ ୟାସିର୍ ର.ଅଙ୍କୁ ପ୍ରଦାନ କରିଥିଲେ । ହୁଜୁରସ.ଅ ହଜରତ ଉମର ର.ଅଙ୍କୁ ଆଦେଶ ଦେଲେ ଶତ୍ରୁ ସେନା ନିକଟରେ ଏହି ଘୋଷଣା କରିଦିଅ ଯେ, ହେ ଲୋକମାନେ ! କୁହ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି । ଏତଦ୍ ଦ୍ୱାରା ଅର୍ଥାତ ଏହି ସାକ୍ଷ୍ୟ ଦେଲେ ତୁମର ଧନଜୀବନ ସୁରକ୍ଷିତ ରହିବ । ବସ୍ତୁତଃ ଆଦେଶ ପାଳନ କରି ହଜରତ ଉମରର.ଅ ଠିକ୍ ଏହିପରି କଲେ କିନ୍ତୁ ସେହି ମୁଶରିକ୍‌ମାନେ (ଅନେକସ୍ୱରବାଦୀ) ଏହି (ପ୍ରସ୍ତାବକୁ) ନାମଞ୍ଜୁର କରିଦେଲେ । କିଛି ସମୟ (ଉଭୟ ପାଶ୍ୱରୁ) ତୀର ନିକ୍ଷେପ କରାଗଲା । ସର୍ବପ୍ରଥମେ ମୁଶରିକ୍‌ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ତୀର ଚାଳନା କରିଥିଲା । ସେଥିଅନ୍ତେ ମୁସଲମାନମାନେ ମଧ୍ୟ ତୀର ଚାଳନା କଲେ । ତତ୍ ପଶ୍ଚାତ ହୁଜୁରସ.ଅ ସାହାବାଙ୍କୁ ଶତ୍ରୁ ଉପରେ ଆକ୍ରମଣ କରିବାକୁ ଆଦେଶ ଦେଲେ । ଏହି ଆକ୍ରମଣରେ ଶତ୍ରୁ ପକ୍ଷର କେହି ଜଣେ ହେଲେ ମଧ୍ୟ ସେଠାରୁ ଖସି ଯିବାର ବାଟ ପାଇଲେ ନାହିଁ । ସେମାନଙ୍କ ମଧ୍ୟରୁ ୧୦ଜଣ ନିହତ ହେଲେ ବାକି ସମସ୍ତେ କଏଦ ହୋଇଗଲେ । ହୁଜୁରସ.ଅ ସେମାନଙ୍କ ପୁରୁଷ, ମହିଳା, ସନ୍ତାନ ଓ ପଶୁମାନଙ୍କୁ କଏଦ କରିନେଲେ ।

ହଜରତ ମିର୍ଜା ବଶିର ଅହେମଦ ସାହେବ ଏହାର ବ୍ୟାଖ୍ୟାତ୍ମକ ରଚନା କରିଛନ୍ତି ଯେ, ଯେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ମୁରେସିଆ ଅଞ୍ଚଳରେ ପହଞ୍ଚିଲେ ସେତେବେଳେ ଆପଣସ.ଅ ସାହାବାଙ୍କୁ ଶିବିର ଲଗାଇବା ପାଇଁ ଆଦେଶ ଦେଲେ ଏବଂ ସାହାବାଙ୍କର ଧାଡ଼ି ଶଯ୍ୟା ତଥା ଇସଲାମୀୟ ବାନା (ସାହାବାଙ୍କୁ) ପ୍ରଦାନ କରିବା ଅନ୍ତେ ହଜରତ ଉମର ର.ଅଙ୍କୁ ବନୁ ମୁସ୍ତଲିକ୍ ସମ୍ମୁଖରେ ଏହି ଘୋଷଣା କରିଦେବାକୁ ଆଦେଶ ଦେଲେ କି ଯଦି ଏବେ ମଧ୍ୟ ତୁମେମାନେ ଇସଲାମର ଶତ୍ରୁତାରୁ ବିରତ ହୋଇଯାଅ ଏବଂ ହଜରତ ମୁହମ୍ମଦ ସ.ଅଙ୍କ ରାଜୁତି (ଅବତାରତ୍ୱ)କୁ ସ୍ୱୀକାର କରିନିଅ ତେବେ ତୁମମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ ଏବଂ ଏହିଠାରୁ ମୁସଲମାନ ସେନା ଫେରି ଯିବ । କିନ୍ତୁ ସେଠାରେ ସେହି ହତଭାଗା ଅମାନ୍ୟକାରୀମାନେ ଦୃଢ଼ତାର ସହିତ ଏହି (ପ୍ରସ୍ତାବ)କୁ ରଦ୍ଦ କରିଦେଲେ ଏବଂ ଯୁଦ୍ଧ କରିବାକୁ ଆଗେଇ ଆସିଲେ । ଏପରିକି ଉକ୍ତ ଯୁଦ୍ଧରେ ସେମାନଙ୍କ ପକ୍ଷରୁ ହିଁ ସର୍ବପ୍ରଥମ ତୀର ଚାଳନା କରାଗଲା । ଯେତେବେଳେ ହୁଜୁରସ.ଅ ସେମାନଙ୍କର ଏହି ମନବୃତ୍ତି ଲକ୍ଷ କଲେ ସେତେବେଳେ ଆପଣସ.ଅ ମଧ୍ୟ ସାହାବାଙ୍କୁ ପ୍ରତିଘାତ କରିବାକୁ ଆଦେଶ ଦେଲେ ।

ବସ୍ତୁତଃ କିଛି ସମୟ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଲା ତା'ପରେ ରଣକ୍ଷେତ୍ରରୁ ଶତ୍ରୁ ପକ୍ଷର ପଦସ୍ଖଳନ ହୋଇଗଲା । କିନ୍ତୁ ମୁସଲମାନମାନେ ଏପରି ଚତୁରତାର ସହିତ ସେମାନଙ୍କୁ ଘେରିନେଲେ ଯେ, ଶତ୍ରୁ ପକ୍ଷର ସମ୍ପୂର୍ଣ୍ଣ ଦଳଟି କଏଦ ହୋଇ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହୋଇଗଲେ । ଏହି ଯୁଦ୍ଧରେ ମାତ୍ର ୧୦ଜଣ ଅମାନ୍ୟକାରୀ ଓ ଜଣେ ମୁସଲମାନ ନିହତ ହୋଇଥିଲେ । **ଏପରି ଏକ ଭୟଙ୍କର ରୂପ ନେବାକୁ ଯାଉଥିବା ଷଡ଼ଯନ୍ତ୍ରର ମୂଳୋତ୍ପାଟନ ଘଟିଥିଲା ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମୁହରମ୍ ସଂକ୍ରାନ୍ତରେ ଦୁଆ କରିବା ପାଇଁ ମୁଁ ଆପଣମାନଙ୍କର ଧ୍ୟାନ ଆକର୍ଷିତ କରୁଅଛି । ଏହା ଏକ ହୃଦୟ ବିଦାରକ ଘଟଣା, ଯାହାକି ଅତ୍ୟାଚାର ଓ ବର୍ବରତାର ଚରମ ସୀମାରେ ପହଞ୍ଚି ଥିବା ଉନ୍ମୂଳକ କାଣ୍ଡ ଭିଆଇ ଥିଲେ । ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ [ସ.ଅ]ଙ୍କ ନାତି ଓ ପରିବାରର ଲୋକଙ୍କୁ ଅତି ନିର୍ମମ ଭାବରେ ଶହିଦ୍ କରି ଦିଆଯାଇଥିଲା । କିନ୍ତୁ ମୁସଲମାନମାନଙ୍କର ଦୁର୍ଭାଗ୍ୟ ଯେ, ସେମାନେ ଏଥିରୁ ଶିକ୍ଷା ହାସଲ କରିବା ପରିବର୍ତ୍ତେ ଏଯାବତ୍ ସେହିପରି ଅନ୍ୟାୟ ଓ ଅତ୍ୟାଚାର ଅବ୍ୟାହତ ରହିଛି । ମୋହରମ୍‌ରେ ଶିୟା ଓ ସୁନି ଦଳ ମଧ୍ୟରେ ଦଙ୍ଗା ଅଥବା ସନ୍ତ୍ରାଶବାଦୀଙ୍କର ଆକ୍ରମଣ ବଢ଼ି ଯାଇଥାଏ । ଫଳତଃ ଉଭୟ ପକ୍ଷରୁ ମୂଲ୍ୟବାନ ଜୀବନ ନଷ୍ଟ ହୋଇଥାଏ । ଅଲ୍ଲାଃତାଲା ଏହି ବିଶୃଙ୍ଖଳାକୁ ଶେଷ କରିବା ପାଇଁ ନିଜ ପ୍ରତିଶୃତି ମୁତାବକ ବ୍ୟବସ୍ଥା (ଯୁଗାବତାରଙ୍କୁ ପ୍ରେରଣ) କରି ଦେଇଛନ୍ତି । କିନ୍ତୁ ତାଙ୍କୁ ଏମାନେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନାହାନ୍ତି । ଏକଥା ସେମାନେ ବୁଝନ୍ତେ କି ! ତେବେ ସେ ଯାହା ହେଉ ଏହି ଦିନମାନଙ୍କରେ ଅହେମଦିମାନଙ୍କୁ ଦରୁଦ୍ ଶରିଫ୍‌ର ଆବୃତ୍ତି କରିବା ଏବଂ ସମସ୍ତ ମୁସଲମାନ ସମୁଦାୟ ଏକ ହେବା ପାଇଁ ବିଶେଷ ଭାବରେ ଦୁଆ କରିବା ଉଚିତ୍ । ନିଜ ଅବସ୍ଥାକୁ ପରିମାର୍ଜିତ କରିବା ଏବଂ ଅଲ୍ଲାଃତାଲାଙ୍କ ସହିତ ନିଜ ସମ୍ପର୍କକୁ ମଜବୁତ୍ କରିବା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ଅଲ୍ଲାଃତାଲା ଏଥିନିମନ୍ତେ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ବୋଞ୍ଜା ମେହମୁଦ୍ ସାହେବ ଟଙ୍ଗୋ (ଆଫ୍ରିକା) ନିବାସୀଙ୍କର ଶହିଦ୍ ହେବାର ଘଟଣା ଚର୍ଚ୍ଚା କଲେ । ସେଥିଅନ୍ତେ ଶ୍ରୀମାନ ରଶିଦ୍ ଅହେମଦ ସାହେବ, ଶ୍ରୀମାନ ଚୌଧରୀ ମୁତିଉର୍ ରହେମାନ୍ ସାହେବ, ଶ୍ରୀମତୀ ମଞ୍ଜୁର୍ ବେଗମ୍ ସାହେବାଃ ଏବଂ ଶ୍ରୀମାନ ମାଷ୍ଟର ସାଆଦତ୍ ଅଶରଫ୍ ସାହେବଙ୍କର ଦେହାନ୍ତରେ ସେମାନଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ତଥା ସେମାନଙ୍କ ଜମାଅତୀୟ ସେବାର ଚର୍ଚ୍ଚା କଲେ । ନମାଜ ଜୁମା ପରେ ସେମାନଙ୍କର ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା ମଧ୍ୟ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।